## ରମ୍ଭା ଏନ୍ଏସିରେ କାଏମ ରହିଲା ପ୍ରାର୍ଥିପତ୍ର

ରମ୍ଭା: ଚଳିତ ମାସ ୨୪ରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ବିଭିନ୍ନ ଦଳ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ପ୍ରାର୍ଥୀଙ୍କ ବୁଧବାର ଥିବା ଯାଞ୍ଚରେ ୩ଜଣ ଅଧକ୍ଷା ଓ ୩୩ ଜଣ କାଉନସିଲରଙ୍କ କାଏମ ରହିଥିବା ନିର୍ବାଚନ ଅଧିକାରୀ ଜୋତିର୍ମୟ ଦାସଙ୍କଠାରୁ ପ୍ରକାଶ। ସୂଚନାଯୋଗ୍ୟ, ଅଧକ୍ଷା ଆସନ ପାଇଁ ୩ଜଣ ପ୍ରାର୍ଥିନି ନିର୍ବାଚନ ଲଢୁଛନ୍ତି। ବିଜେଡିରୁ କୁମାରୀ ବିଶ୍ୱାଳ, ଭାଜପା ପକ୍ଷରୁ ମାନସୀ ସ୍ୱାଇଁ ଓ ଭାରତ ଜାତୀୟ କଂଗ୍ରେସ ପକ୍ଷରୁ ସୁଜ୍ଞାନୀ ପଟ୍ଟନାୟକ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱିତା କରିଥିବା ନିର୍ବାଚନ ଅଧିକାରୀଙ୍କ ଠାରୁ ପ୍ରକାଶ।

**ସଂକ୍ଷେପରେ**

## ନାବାଳିକା ବଳାତ୍କାର ମାମଲା ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ ଅଫିସ, ୯।୩- ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ବୁଧବାର ଫୁଲବାଣୀ ଫାଷ୍ଟଟ୍ରାକ ପୋକ୍ସୋ କୋର୍ଟର ଅତିରିକ୍ତ ଜିଲା ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ତାଙ୍କୁ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୯ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ଦାରିଙ୍ଗିବାଡି ଥାନା ଅଞ୍ଚଳର ପପୁନା ବାରିକ। ୨୦୧୮ ଅକ୍ଟୋବର ୩୧ରେ ନାବାଳିକା ଜଣକ ତାଙ୍କ ଘରେ ଏକୁଟିଆ ଥିଲେ। ମା' ନାବାଳିକା ଜଣକ ଗାଁ ଛକକୁ ଯାଉଥିବା ବେଳେ ପପୁନା ଏକ ମୁଖା ପିନ୍ଧି ତାଙ୍କୁ ଅପହରଣ କରି ନେଇଥିଲେ। ପରେ କୁତ୍ତମଗଡ ଗ୍ରାମକୁ ନେଇ ଏକ ଘରେ ରଖି ବଳାତ୍କାର କରିଥିଲେ। ନାବାଳିକାଙ୍କ ମା' ବାପା ଖବରପାଇ ସେଠାରେ ପହଞ୍ଚି ଝିଅକୁ ଉଦ୍ଧାର କରିଥିଲେ। ଏ ନେଇ ଦାରିଙ୍ଗିବାଡି ଥାନାରେ ଅଭିଯୋଗକ୍ରମେ ପୋଲିସ ୧ନଂ.୪୯/୧୮ରେ ମାମଲା ରୁଜୁ କରି ପପୁନାଙ୍କୁ ଗିରଫ କରିଥିଲା। ଏହି ମାମଲାରେ ମୋଟ ୧୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## ହୃଦ୍‌ରୋଗ ବିଭାଗ କ୍ୟାଥୋଲାବ୍ ଉଦ୍‌ଘାଟିତ

ବ୍ରହ୍ମପୁର ଅଫିସ,୯।୩- ବ୍ରହ୍ମପୁର ବଡ଼ ମେଡିକାଲ ସୁପର ସ୍ପେସିଆଲିଟି କୋଠାରେ ହୃଦ୍‌ରୋଗ ବିଭାଗ ଓ ନୂତନ କ୍ୟାଥୋଲାବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏମ୍‌କେସିଜି ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର ଓ ମହାବିଦ୍ୟାଳୟର ଡିନ୍ ପ୍ରଫେସର ଅବନୀକାନ୍ତ ମିଶ୍ର ଅତିଥି ଭାବେ ଯୋଗଦେଇ ଲାବକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ତ୍ରିନାଥ କୁମାର ମିଶ୍ର, ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରବୀଣ କୁମାର ରଥ, ସହଯୋଗୀ ପ୍ରଫେସର ସୁର କିଶୋର ମିଶ୍ର, ଡା. ଶୁଭାଶିଷ ସିଂ ଓ ଡା. ପ୍ରଦୀପ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୁରୁଣା ଆନ୍ତଃ ବିଭାଗ କୋଠାରେ ପୂର୍ବରୁ ଏକ କ୍ୟାଥୋଲାବ ରହିଥିଲେ ମଧ ଏଠାରେ ଆଉ ଏକ ନୂତନ ଲାବ ଖୋଲାଯାଇଛି। ଏହି ଦୁଇ ଲାବରେ ହୃଦ୍‌ରୋଗୀଙ୍କ ଆଞ୍ଜିଓଗ୍ରାମ, ଆଞ୍ଜିଓପ୍ଲାଷ୍ଟ ଓ ପେସ୍‌ମେକର ଭଳି ଚିକିତ୍ସା କରାଯିବ ବୋଲି ସୂଚନା ଦିଆଯାଇଛି। ନର୍ସିଂ ଅଫିସର ପଙ୍କଜ ପଣ୍ଡା, ସଞ୍ଜୁକ୍ତାରାଣୀ ବେବର୍ତ୍ତା, ମନୀଷା ଦଳାଇ, ପ୍ରତ୍ୟୁଷା ରଣସିଂ, ଅନସୂୟା ସାହୁ, ଟେକ୍‌ନିସିଆନ ମିଟୁ ନାୟକ ଓ ରେଡିଓଗ୍ରାଫର ସଚିନ ନାୟକ ସହଯୋଗ କରିଥିଲେ।

## ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ବ୍ରହ୍ମପୁର ଅଫିସ,୯।୩:ଆଇନଜୀବୀ ଅରୁଣ କୁମାର ମହାପାତ୍ର(୬୧)ଙ୍କ ବିୟୋଗରେ ବୁଧବାର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଜନାର୍ଦ୍ଦନ ସୁବୁଦ୍ଧିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୃତ ଆଇନଜୀବୀଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଅନ୍ୟମାନଙ୍କ ମଧରେ ସମ୍ପାଦକ ପ୍ରଦୀପ କୁମାର ବେହେରା, ଉପସଭାପତି ବି. ଭାଗୀରଥି ରାଓଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ବୁଧବାର ଦିନକ ପାଇଁ ଓକିଲ ସଂଘ ତରଫରୁ ଜିଲା ଜଜ୍ କୋର୍ଟ ସମେତ ସମସ୍ତ ନିମ୍ନ ଅଦାଲତଗୁଡ଼ିକରେ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା।

# ଶ୍ମଶାନ ନିକଟରେ ଶିଶୁ ଉଦ୍ୟାନକୁ ନେଇ ଅସନ୍ତୋଷ

ବ୍ରହ୍ମପୁର ଅଫିସ,୯।୩


ଶିଶୁ ଉଦ୍ୟାନ।

ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସହର ବିଭିନ୍ନ ୱାର୍ଡରେ ଥିବା ଖାଲି ସ୍ଥାନ ଗୁଡିକରେ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଛି। ତେବେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶିଶୁ ଉଦ୍ୟାନଗୁଡିକର ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଯୋଗୁ ବନ୍ଦ ରହିଛି। ତେବେ ବିଭିନ୍ନ ୱାର୍ଡରେ ଥିବା ଶିଶୁ ଉଦ୍ୟାନକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧରେ ଅସନ୍ତୋଷ ଦେଖିବାକୁ ମିଳିଛି। ବ୍ରହ୍ମପୁର ମହାନଗର ନିଗମ ୪୦ ନଂ. ୱାର୍ଡ ଅନ୍ତର୍ଗତ ଆଙ୍କୁଲି ମୌଜାରେ ଥିବା ଲକ୍ଷ୍ମୀ ନାରାୟଣ ନଗରଠାରେ ବିଡିଏ ପକ୍ଷରୁ ନିର୍ମିତ ଶିଶୁ ଉଦ୍ୟାନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ମୁତାବକ, ଏହି ପାର୍କଟି ଶ୍ମଶାନ ନିକଟରେ ରହିଛି। ଫଳରେ ପାର୍କ ନିର୍ମାଣ ହେବା ପରଠାରୁ ଛୋଟ ଶିଶୁ କିମ୍ବା ବୟୋଜ୍ୟେଷ୍ଠ ଯିବା ପାଇଁ ଇଚ୍ଛା କରୁନାହାନ୍ତି। ପାର୍କଟି ବ୍ୟବହୃତ ନ ହେବାରୁ ପାର୍କ ମଧରେ ଅନାବନା ଘାସ ଉଠି ରହିଥିଲା। ଫଳରେ ବିଡିଏ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗତ କିଛି ଦିନ ତଳେ କାର୍ଯ୍ୟ ଜାରି ରହିଥିଲା। ବର୍ତ୍ତମାନ ପାର୍କ ମଧରେ ନୂତନ ଭାବେ ଭଲିବଲ ପିଚ୍ ନିର୍ମାଣ କରାଯାଇଛି। ଏଥିସହ ପାର୍କ ପରିସରକୁ ସଫା ସୁତରା ମଧ କରାଯାଇଛି। କିନ୍ତୁ ବର୍ତ୍ତମାନ କାର୍ଯ୍ୟ ବନ୍ଦ ରହିଥିବା ଦେଖିବାକୁ ମିଳିଛି।

ଅନ୍ୟପଟେ ପାର୍କ ନିକଟରେ ଶବ ସଂସ୍କାର ସାଙ୍ଗକୁ ଅନ୍ୟାନ୍ୟ ଶୁଦ୍ଧି କାର୍ଯ୍ୟ ମଧ କରାଯାଉଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଏପରିକି ଶୁଦ୍ଧି କାର୍ଯ୍ୟ ସମୟରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ପାର୍କ ସମ୍ମୁଖରେ ପଡି ରହୁଛି। ଏହାକୁ ସଫେଇ କରିବା କ୍ଷେତ୍ରରେ କେହି ବି ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଏଥିସହ ପାର୍କ ମଧରେ ଅନେକ ସମୟରେ ବିଷାକ୍ତ ସରୀସୃପ ବିଚରଣ କରୁଥିବାରୁ ଏହାକୁ ନେଇ ମଧ ସ୍ଥାନୀୟ ବାସିନ୍ଦା ଭୟଭୀତ ହେଉଛନ୍ତି। ଏଣୁ ପାର୍କଟିକୁ ଅନ୍ୟତ୍ର ସ୍ଥାନକୁ ସ୍ଥାନାନ୍ତର କରାଗଲେ ସାଧାରଣ ଲୋକଙ୍କ କ୍ଷେତ୍ରରେ ବ୍ୟବହାର ଉପଯୋଗୀ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ବିଡିଏ ସଚିବ ସମ୍ବିତ ରାଉତଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ବର୍ତ୍ତମାନ ନିର୍ବାଚନ ଆଚରଣ ବିଧି ଯୋଗୁ ବହୁ ପାର୍କର କାର୍ଯ୍ୟ ବନ୍ଦ ରହିଛି। ଆଚରଣ ବିଧି ଉଠିବା ପରେ ପାର୍କର ଉନ୍ନତୀକରଣ କାର୍ଯ୍ୟ ସାଙ୍ଗକୁ ଜନସାଧାରଣଙ୍କ ସମସ୍ୟା ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି।

## ୩.୫୭ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

ଫୁଲବାଣୀ ଅଫିସ, ୯।୩

ବାହାରକୁ ଚୋରା ଚାଲାଣ ହେବାକୁ ଥିବା ବ୍ୟାପକ ପରିମାଣର ଗଞ୍ଜେଇ ଗୋଚ୍ଛାପଡ଼ା ପୋଲିସ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ରାକାଡି ଗାଁର ସୁଧୀର କହଁର, ନଳେନ୍ଦ୍ର କହଁର, ଶିବରାମ କହଁର। ରାକାଡି ଗାଁ ପାଖ ମଣିବନ୍ଧ ଶ୍ରାହାଣୀ ଛକ ନିକଟରେ କେତେଜଣ ଯୁବକ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି କରୁଥିବା ନେଇ ଗୋଚ୍ଛାପଡ଼ା ଥାନାଧିକାରୀ ରଞ୍ଜିତ କୁମାର ମୁନିଙ୍କୁ ଖବର ମିଳିଥିଲା। ଥାନାଧିକାରୀ ଏକ ଟିମ୍ ସହ ଉକ୍ତ ଛକରେ ପହଞ୍ଚିଲା ବେଳକୁ ଗଞ୍ଜେଇ ବସ୍ତା ଥୁଆ ହୋଇଥିବା ଦେଖିଥିଲେ। ସେଠାରୁ ଅଭିଯୁକ୍ତଙ୍କୁ ଧରିବା ସହ ୩ କୁଇଣ୍ଟାଲ ୫୭ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଏ ନେଇ ଥାନାରେ ନଂ. ୩୪/୨୨ ରେ ମାମଲା ରୁଜୁ ହୋଇଛି।

# ଆଇଟିଆଇ ସ୍ଥାପନ କରିବ ଦେଶର ସର୍ବବୃହତ୍ ଟାୟାର ଆର୍ଟ ପାର୍କ

ବ୍ରହ୍ମପୁର ଅଫିସ,୯।୩

ବ୍ରହ୍ମପୁର ଆଇଟିଆଇ ବିଭିନ୍ନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ପରେ ବର୍ତ୍ତମାନ ଦେଶର ବୃହତ୍ତମ ଟାୟାର ଆର୍ଟ ପାର୍କ ସ୍ଥାପନ କରିବାକୁ ଯାଉଛି। ଏ ନେଇ ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ବୁଧବାର ସୂଚନା ଦେଇଛନ୍ତି। ବର୍ତ୍ତମାନ ଆଇଟିଆଇ ପକ୍ଷରୁ ନଷ୍ଟରୁ ଶ୍ରେଷ୍ଠ ଉଦ୍ୟମ ମାଧମରେ ଏଭଳି ପ୍ରୟାସ କରାଯାଇଥିବା ଅଧକ୍ଷ କହିଛନ୍ତି। ସହରର ବିଭିନ୍ନ ସ୍ଥାନରେ ହେଉ କିମ୍ବା ଅନ୍ୟ କୌଣସି ସ୍ଥାନରେ ପଡ଼ିଥିବା ଟାୟାରରେ ପାଣି ଜମି ରହି ଡେଙ୍ଗୁ ମଶା ସଂଖ୍ୟା ବୃଦ୍ଧି ଘଟୁଛି। ଏଥିସହ ଟାୟାରରେ ରହିଥିବା ଏକ ରାସାୟନିକ ପଦାର୍ଥରୁ ଡେଙ୍ଗୁ ମଶା ବଂଶ ବିସ୍ତାର ହେବାରେ ସହାୟକ ହେଉଛି। ଏଣୁ ଏହି ବଂଶ ବିସ୍ତାର ସଂଖ୍ୟାକୁ ରୋକିବା ଏବଂ ଡେଙ୍ଗୁ ରୋଗର ସଚେତନତା ନିମନ୍ତେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ଅଧକ୍ଷ କହିଛନ୍ତି। ତତ୍‌ସହିତ ଟାୟାର ଜାଳିବା ଦ୍ୱାରା ଏଥିରୁ ଧୂଆଁ ବାହାରି ପରିବେଶକୁ ପ୍ରଦୂଷିତ କରିଥାଏ, ଯାହାକି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏଣୁ ଏହି ଟାୟାରକୁ ବର୍ତ୍ତମାନ ବ୍ୟବହାର କରାଯାଇ ଏକ ନୂତନ ଢାଞ୍ଚାରେ ପ୍ରତିମୂର୍ତ୍ତି ନିର୍ମାଣ କରାଯାଉଥିବା ସେ କହିଛନ୍ତି। ବର୍ତ୍ତମାନ ଆଇଟିଆଇ ପରିସରରେ ୩ରୁ ୪ ହଜାର ଟାୟାର ବ୍ୟବହୃତ କରାଯାଇ ପୃଥିବୀରୁ ବିଲୁପ୍ତ ଜୀବ ଡାଏନୋସର ପ୍ରତିମୂର୍ତ୍ତି ନିର୍ମାଣ କରାଯାଉଛି। ଏହାର ଉଚ୍ଚତା ୩୦ ଫୁଟ ରହିଥିବା ବେଳେ ଓଜନ ୪ ଟନ ରହିଛି, ଯାହାକୁ ଦେଶର ସର୍ବବୃହତ୍ ଟାୟାର ଆର୍ଟ ପାର୍କରେ ସ୍ଥାପନ କରାଯିବ। ଏଥିସହ ଏହି ପାର୍କରେ ଟାୟାରରେ ନିର୍ମିତ କାର, ହାତୀ ଓ ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକୁ ମଧ ସ୍ଥାପନ କରାଯିବ। ଏହି ଟାୟାର ଆର୍ଟ ପାର୍କ ସମାଜକୁ ସଚେତନତାର ବାର୍ତ୍ତା ଦେବ ବୋଲି ଅଧକ୍ଷ କହିଛନ୍ତି।


ଟାୟାର ଆର୍ଟ ପାର୍କରେ ସ୍ଥାପନ ହେଉଥିବା ଡାଏନୋସର ପ୍ରତିମୂର୍ତ୍ତି।

## ନାବାଳିକା ବଳାତ୍କାର ମାମଲା ପ୍ରମାଣ ଅଭାବରୁ ଅଭିଯୁକ୍ତ ବାପା ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୯।୩

ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ତଥା ଫାଷ୍ଟଟ୍ରାକ୍ ଜର୍ଜ ଗୁରୁ ପ୍ରସାଦ ସାହୁ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଛନ୍ତି। ପ୍ରମାଣ ଅଭାବରୁ ବଳାତ୍କାର ଅଭିଯୁକ୍ତ ତଥା ନାବାଳିକାଙ୍କ ବାପାଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଖଲ୍ଲିକୋଟ ଥାନା ଅଞ୍ଚଳର। ପ୍ରଥମ ସ୍ତ୍ରୀ ମୃତ୍ୟୁ ପରେ ସେ ଦ୍ୱିତୀୟ ବିବାହ କରିଥିଲେ। ୨୦୧୯ ସେପ୍ଟେମ୍ବର ୧୨ରେ ନିଜ ନାବାଳିକା ଝିଅଙ୍କୁ ସେ ବଳାତ୍କାର କରିଥିଲେ। ପୀଡିତାଙ୍କ ଏତଲା କ୍ରମେ ଖଲ୍ଲିକୋଟ ପୋଲିସ ନଂ.୨୩୧/୧୯ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ଘଟଣାର ତଦନ୍ତ କରି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଏହି ମାମଲାର ବିଚାର ବେଳେ ଗିରଫ ପରଠାରୁ ଜେଲରେ ଥିବା ପୀଡିତାଙ୍କ ବାପା ତଥା ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଯାଇଥିଲା। ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ ଓ ୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ପ୍ରମାଣ ଅଭାବରୁ ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସଂଗ୍ରାମ କୁମାର ପ୍ରଧାନ ମକଦ୍ଦମା ପରିଚାଳନା କରିଥିଲା।

# ବାଇକୋଳିଙ୍କ ନାମରେ ପ୍ଲାନେଟୋରିୟମ ନାମକରଣ ଦାବି



ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘର କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୯।୩

ବ୍ରହ୍ମପୁର ସହରରେ ଏକ ପ୍ଲାନେଟୋରିୟମ ପ୍ରତିଷ୍ଠା କରି ବାଇକୋଳିଙ୍କ ନାମରେ ନାମିତ କରିବାକୁ ବୁଧବାର ସଂସ୍କାରବାଦୀ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, କରାପଲୀ ପଞ୍ଚାୟତ ବିକ୍ରମପୁରଠାରେ ପ୍ଲାନେଟୋରିୟମ ନିର୍ମାଣ ନେଇ ୫ ଏକର ଜାଗା ଚିହ୍ନଟ କରାଯାଇଛି। ଏ ନେଇ ଗତ ବର୍ଷ ଅଗଷ୍ଟ ୮ରେ ବ୍ରହ୍ମପୁର ଉପଜିଲାପାଳ ମଧ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ତେବେ ଓଡ଼ିଶା ତଥା ସମଗ୍ର ଭାରତ ବର୍ଷରେ ଜ୍ୟୋତିର୍ବିଦ୍ ପଣ୍ଡିତ ବାଇକୋଳି ମହାପାତ୍ର ଜଣେ ଖ୍ୟାତନାମା ଜ୍ୟୋତିଷ ବିଶାରଦ ଭାବେ ପରିଚିତ। ଏଣୁ ପ୍ରତିଷ୍ଠା ହେବାକୁ ଥିବା ପ୍ଲାନେଟୋରିୟମ ବାଇକୋଳିଙ୍କ ନାମରେ ନାମିତ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଥିଲା। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତ୍ରିନାଥ ମହାରଣା, ଉପସଭାପତି ପ୍ରଭାତ କୁମାର ମିଶ୍ର, ସମ୍ପାଦକ ଲଳିତ ମୋହନ ସାହୁ, ଯୁଗ୍ମ ସମ୍ପାଦକ ସମୀର କୁମାର ଆଚାର୍ଯ୍ୟ, ଶିବ ପ୍ରସନ୍ନ ମିଶ୍ର, ବସନ୍ତ କୁମାର ନାୟକ, ମନ୍ମଥ ସାହୁ, ଅରିକ୍ଷିତ ବେହେରା ଓ ସହସମ୍ପାଦକ ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କାଏମ ରହିଲା ସମସ୍ତ ନାମାଙ୍କନ

ଆସିକା,୯।୩(ଡି.ଏନ୍.ଏ)

ଆସିକା ଏନ୍ଏସିର ନଗରପାଳ ଓ ୧୮ଟି ୱାର୍ଡର କାଉନ୍‌ସିଲର ପଦବୀ ଲାଗି ନାମାଙ୍କନ ଦାଖଲର ଅନ୍ତିମ ଦିନ ସୁଦ୍ଧା ଅଧକ୍ଷ ଲାଗି ୭ଟି ଓ ୧୮ଟି ୱାର୍ଡର କାଉନ୍‌ସିଲର ପଦବୀ ଲାଗି ୫୦ଟି ନାମାଙ୍କନ ଦାଖଲ ହୋଇଥିଲା। ବୁଧବାର ପ୍ରାର୍ଥିପତ୍ର ଯାଞ୍ଚ ପରେ ଦାଖଲ ହୋଇଥିବା ସମସ୍ତ ନାମାଙ୍କନପତ୍ର କାଏମ ରହିଥିବା ଜଣାଯାଇଛି। ତେବେ ଏନ୍ଏସିର ଜଣେ ପ୍ରାର୍ଥୀ ୧୬ ନମ୍ବର ୱାର୍ଡରୁ ୨ଟି ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ଗୋଟିଏକୁ ନାକଚ କରାଯାଇଥିବା ନିର୍ବାଚନ ଅଧିକାରୀ ତଥା ଆସିକା ତହସିଲଦାର ସୟ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ନଗରପାଳ ଲାଗି ୭ଜଣ ଓ କାଉନ୍‌ସିଲର ଲାଗି ୪୯ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ଜଣାଯାଇଛି।

# ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସରେ ମିଶିଲେ



କଂଗ୍ରେସରେ ମିଶିଥିବା ବିଭିନ୍ନ ଦଳର କର୍ମୀ।

ଫୁଲବାଣୀ ଅଫିସ, ୯।୩

ଚଳିତ ପୌର ପରିଷଦ ନିର୍ବାଚନରେ ଶାସକ ଦଳରୁ ଅଧିକାଂଶ ଅଧକ୍ଷା ପଦବୀ, କାଉନସିଲର ପଦବୀ ପାଇଁ ଇଚ୍ଛୁକ ଥିଲେ ମଧ ଟିକେଟ ବଣ୍ଟନ ବେଳେ ସେମାନଙ୍କୁ ନିରାଶ ହେବାକୁ ପଡିଛି। ଇତିମଧରେ ନାମାଙ୍କନ ପତ୍ର ଯାଞ୍ଚ ପ୍ରକ୍ରିୟା ବୁଧବାର ସରିଛି। ଫୁଲବାଣୀ ପୌର ପରିଷଦରେ ଅଧକ୍ଷା ପଦବୀ ପାଇଁ ବିଜେଡି ଓ କଂଗ୍ରେସ ମଧରେ ସିଧାସଳଖ ଲଢ଼େଇ ହେବ। ଭାଜପା ପଛରେ ପଡିଛି। କାରଣ ଏ ଯାଏ ଅଧକ୍ଷା ପଦବୀ ପାଇଁ କିଏ ଲଢ଼ିବେ ଦଳ ତାହା ନିର୍ଣ୍ଣୟ କରି ପାରିନାହିଁ। ଏସବୁ ଅଶାନ୍ତି ମଧରେ କିଛି ଦଳର ଆଗଧାଡିର କର୍ମୀମାନେ ବିଧିବଧ ଭାବେ କଂଗ୍ରେସରେ ମିଶଛନ୍ତି। ଅନେକ ଦିନରୁ କ୍ଷମତାରୁ ଦୂରେଇ ରହିଥିବା କଂଗ୍ରେସ ଏଥର ଅଧକ୍ଷା ପଦବୀ ପାଇଁ ସମସ୍ତ ବଳ ଲଗାଇ ଦେଇଛି।

କଂଗ୍ରେସ ପକ୍ଷରୁ ପ୍ରେସ କ୍ଲବରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଭିନ୍ନ ରାଜନୈତିକ ଦଳର କର୍ମୀ ତଥା ବିଭିନ୍ନ ୱାର୍ଡରୁ ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସରେ ସାମିଲ ହୋଇଛନ୍ତି। ୧ନଂ. ୱାର୍ଡର କାର୍ତ୍ତିକେଶ୍ୱର ନାୟକଙ୍କ ନେତୃତ୍ୱରେ ଜଗଦୀଶ ନାୟକ, ବୈକୁଣ୍ଠ କହଁର, ସମରେନ୍ଦ୍ର କହଁର, ସତ୍ୟ ନାରାୟଣ ଭୋଇ, ଶଙ୍କରଜିତ ବେହେରା, ସରୋଜ ଚନ୍ଦ୍ର ପଟ୍ଟନାୟକ, ନୃସିଂହ ବେହେରା, ଆଦିତ୍ୟ ଦିଗାଲ, କେଶବ ନାୟକ ଏପରି ଅନେକ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସ ଜିଲା ସଭାପତି ଅନାମ ନାୟକ ଏହି କର୍ମୀ ମାନଙ୍କ ଫଳରେ ଫୁଲବାଣୀ ପୌରାଞ୍ଚଳରେ ଦଳୀୟ ସଙ୍ଗଠନ ଆହୁରି ସୁଦୃଢ ହେବ ବୋଲି କହିଥିଲେ। ଦଳର ପୌରାଧକ୍ଷା ପ୍ରାର୍ଥୀ ସବିତା ମହାନ୍ତି, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପିସିସି ସମ୍ପାଦକ ଚନ୍ଦ୍ରଶେଖର ପରିଡା, ନଗର ସଭାପତି ଶିବ ଶଙ୍କର ବେହେରା, ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢୀ, ଛାତ୍ର କଂଗ୍ରେସ ସଭାପତି ଅନୁପମ କହଁର, ସୋସିଆଲ ମିଡିଆ ଅଧ୍ୟକ୍ଷ ନନ୍ଦ କିଶୋର ଦାଶ, ବରିଷ୍ଠ ନେତା ବିଜୟ ମହାନ୍ତି, ହେମନ୍ତ କର, ଭିକାରୀ ପାଣିଗ୍ରାହୀ, ରଜତ ମହାନ୍ତି ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୯।୩


ଗସ୍ତ ପୂର୍ବରୁ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦଠାରେ କ୍ରୀଡ଼ା ସମ୍ପାଦକ ଓ ଅଧିକାରୀଙ୍କ ସହ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀ ଦଳ।

- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
- ୯୪ ଜଣିଆ ଟିମ୍‌ର ବାରିପଦା ଗସ୍ତ

ପ୍ରଥମ ରାଜ୍ୟସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଆୟୋଜିତ ହୋଇଯାଇଛି। ଏହା ପରେ ବର୍ତ୍ତମାନ ରାଜ୍ୟସ୍ତରୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତା ବାରିପଦାସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟଠାରେ ୯ ରୁ ୧୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ବୁଧବାର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ପକ୍ଷରୁ ୯୪ ଜଣିଆ ପ୍ରତିଯୋଗୀ ଓ ଅଧିକାରୀଙ୍କ ଟିମ୍ ବାରିପଦା ଅଭିମୁଖେ ଯାତ୍ରା କରିଛନ୍ତି। ଏଥିରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଓ ବିଭିନ୍ନ ମହାବିଦ୍ୟାଳୟ ପକ୍ଷରୁ ଫୁଟବଲ (ପୁରୁଷ), କବାଡ଼ି (ମହିଳା ଓ ପୁରୁଷ), ବ୍ୟାଡ୍‌ମିଣ୍ଟନ (ମହିଳା ଓ ପୁରୁଷ), ଭଲିବଲ (ପୁରୁଷ), ବାସ୍କେଟ ବଲ (ପୁରୁଷ ଓ ମହିଳା) କ୍ରୀଡ଼ାରେ ଅଂଶ ଗ୍ରହଣ କରିଥିବା ୮୪ ଜଣିଆ ମହିଳା ଓ ପୁରୁଷ ପ୍ରତିଯୋଗୀଙ୍କ ସମେତ ୧୧ ଜଣ କ୍ରୀଡ଼ା ଅଧିକାରୀ ଓ କୋଚ ବାରିପଦା ଅଭିମୁଖେ ଯାତ୍ରା କରିଛନ୍ତି। ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ବୁଧବାର କ୍ରିକେଟ ଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀଙ୍କ ସମସ୍ତ କ୍ରୀଡ଼ା ୧୧ ମାର୍ଚ୍ଚରୁ ଆରମ୍ଭ ହେବ। ଏନେଇ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର ମିଶ୍ରଙ୍କଠାରୁ ପ୍ରକାଶ। ବାରିପଦା ଅଭିମୁଖେ ଗସ୍ତ କରିଥିବା ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗୀ ଓ ଟିମ୍‌ର ଅନ୍ୟ ସଦସ୍ୟଙ୍କୁ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ସମ୍ପାଦକ ଡ. ଶେଷଦେବ ପାତ୍ର, ଅନ୍ୟ କ୍ରୀଡ଼ା ଅଧିକାରୀମାନେ ଉତ୍ସାହିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

DSPL-419

## ବିଶ୍ୱ ଗ୍ଲୁକୋମା (କଳାମୋତିଆ) ସପ୍ତାହ

୬ -୧୨ ମାର୍ଚ୍ଚ,୨୦୨୨

ଗ୍ଲୁକୋମା(କଳାମୋତିଆ)ର ନିୟନ୍ତ୍ରଣ ଓ ସଚେତନତା ପାଇଁ ପ୍ରତି ବର୍ଷ "ବିଶ୍ୱ ଗ୍ଲୁକୋମା ସପ୍ତାହ" ପାଳନ କରାଯାଉଅଛି। ଉପଯୁକ୍ତ ସଚେତନତା ଓ ଡାକ୍ତରୀ ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇପାରିବ।

''ସୁନ୍ଦର ବିଶ୍ୱକୁ ଦେଖିବା ତେବେ, ଦୃଷ୍ଟି ସୁରକ୍ଷିତ ରହିବ ଯେବେ''

- କଳାମୋତିଆ ବା ଗ୍ଲୁକୋମାରେ ଆକ୍ରାନ୍ତ ହେଲେ ଆଖି ଭିତରର ସ୍ନାୟୁଗୁଡିକ ନଷ୍ଟ ହୋଇ ରୋଗୀ ସବୁଦିନ ପାଇଁ ସମ୍ପୂର୍ଣ୍ଣ ଅନ୍ଧ ହୋଇଯାଇଥାଏ।
- ଏଥିରେ ଆରମ୍ଭରୁ ପ୍ରାୟ କିଛି ଲକ୍ଷଣ ଦେଖାଯାଇନଥାଏ। ତେବେ କେତେକ କ୍ଷେତ୍ରରେ ବଲବ୍ ଚାରିପଟେ ରଙ୍ଗୀନ ଗୋଲ ଦେଖାଯିବା, ଆଖିରେ ଯନ୍ତ୍ରଣା ବା ମୁଣ୍ଡବିନ୍ଧିବା ଇତ୍ୟାଦି ଲକ୍ଷଣ ପ୍ରକାଶ ପାଇଥାଏ।
- ସାଧାରଣତଃ ୪୦ ବର୍ଷ ବା ତଦୁର୍ଦ୍ଧ ଲୋକମାନଙ୍କୁ (ବିଶେଷ କରି ଯାହାଙ୍କ ପରିବାରରେ କଳାମୋତିଆ ରୋଗ ଥିବାର ପ୍ରମାଣ ଥିବ) ବା ଯେଉଁମାନେ ଡାଇବେଟିସ୍, ରକ୍ତଚାପ ଆଦି ରୋଗରେ ପୀଡିତ ଥିବେ ସେମାନଙ୍କୁ ଏହି ରୋଗ ହେବାର ସମ୍ଭାବନା ଅଧିକ ଥାଏ।
- ୪୦ ବର୍ଷ ବା ତଦୁର୍ଦ୍ଧ ପ୍ରତ୍ୟେକ ବ୍ୟକ୍ତି କଳାମୋତିଆ ପାଇଁ ଚକ୍ଷୁପରୀକ୍ଷା ନିଶ୍ଚୟ କରାଇ ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ନିୟମିତ ଚିକିତ୍ସାରେ ରୁହନ୍ତୁ।
- କଳା ମୋତିଆର ଚିହ୍ନଟ ସରକାରୀ ଚକ୍ଷୁଚିକିତ୍ସା କେନ୍ଦ୍ରମାନଙ୍କରେ ଉପଲବ୍ଧ।

ସଠିକ୍ ଚିହ୍ନଟ, ସଠିକ୍ ଉପଚାର, କଳାମୋତିଆକୁ ନଥିବ ଡର।

ସର୍ବଦା କରୋନା ସମ୍ବନ୍ଧୀୟ ସତର୍କତା ନିଶ୍ଚୟ ପାଳନ କରନ୍ତୁ

ଯୋଗ୍ୟ ବ୍ୟକ୍ତି କରୋନା ଟୀକା ନିଶ୍ଚୟ ନିଅନ୍ତୁ।

ଅଧିକ ସୂଚନା ପାଇଁ ନିକଟସ୍ଥ ଆଶା,ସ୍ୱାସ୍ଥ୍ୟକର୍ମୀ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

facebook.com/HFWOdisha http://www.health.odisha.gov.in/ @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

OIPR-10003/13/0151/2122

## ସାପ କାମୁଡ଼ାରେ ଯୁବକ ମୃତ

କବିସୂର୍ଯ୍ୟନଗର,(ଡି.ଏନ.ଏ.):କବିସୂର୍ଯ୍ୟନଗର ବ୍ଲକ ଆଠଗଡ ପାଟଣା ବାସଷ୍ଟାଣ୍ଡଠାରେ ମଙ୍ଗଳବାର ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ କୁମାର ସେଠୀ। ସନ୍ତୋଷ ବାସଷ୍ଟାଣ୍ଡଠାରେ କରିଥିବା ଧାନ ବିଲରେ ଘାସ କାଟୁଥିବା ବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କବିସୂର୍ଯ୍ୟନଗର ମେଡିକାଲ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ସନ୍ତୋଷ ଗରିବ ପରିବାରର ହୋଇଥିବାରୁ ପ୍ରାକ୍ତନ ସରପଞ୍ଚ ସୁଶୀଲ କୁମାର ପୋଲାଇ ଓ ସରପଞ୍ଚ ଛବିରାଣୀ ପୋଲାଇ, ସମିତି ସଭ୍ୟା ଅମ୍ବିକା ପୋଲାଇ ଏବଂ ଗ୍ରାମବାସୀ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଲାଗି ଦାବି କରିଛନ୍ତି।



## ସଂକ୍ଷେପରେ

### ବୁଗୁଡ଼ା ଏନ୍ଏସି: ସରିଲା ଯାଞ୍ଚ, ରହିଲେ ୩୩ ପ୍ରାର୍ଥୀ

ବୁଗୁଡ଼ା,୯।୩(ଡି.ଏନ.ଏ.):ବୁଗୁଡ଼ା ଏନଏସି ଅଧକ୍ଷ ପଦବୀ ପାଇଁ ୭ ଜଣ ଏବଂ ୧୩ ୱାର୍ଡର କାଉନଶିଲର ପଦବୀ ପାଇଁ ୨୬ ଜଣ ଏପରି ମୋଟ ୩୩ ଜଣ ପ୍ରାର୍ଥୀ ବୁଧବାର ଯାଞ୍ଚ ପରେ ରହିଥିବା ନେଇ ନିର୍ବାଚନ ଅଧିକାରୀ ସଂଗ୍ରାମ କେଶରୀ ଜେନା କହିଛନ୍ତି। ଯାଞ୍ଚ ପରେ ବିଜେଡିର ୧୩ଜଣ କାଉନସିଲର ପ୍ରାର୍ଥୀ, ଭାଜପାର ୧୨ଜଣ କାଉନଶିଲର ପ୍ରାର୍ଥୀ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ରହିଥିବା ବେଳେ କଂଗ୍ରେସ ପକ୍ଷରୁ କୌଣସି କାଉନଶିଲର୍ ପ୍ରାର୍ଥୀ ନାମାଙ୍କନପତ୍ର ପୂର୍ବରୁ ଦାଖଲ କରିନାହାନ୍ତି। ଯାଞ୍ଚ ପରେ ରହିଥିବା ଏନ୍ଏସି ନଗରପାଳ ପ୍ରାର୍ଥୀଙ୍କ ମଧ୍ୟରେ ଭାଜପାରୁ ପ୍ରତାପ ନାୟକ, ବିଜେଡିରୁ ଚିତ୍ରସେନ ପ୍ରଧାନ, କଂଗ୍ରେସରୁ ସୀମାଞ୍ଚଳ ଖଟାଇ ଏବଂ ସ୍ୱାଧୀନ ଭାବରେ ଭାବଗ୍ରାହୀ ମହାନ୍ତି, ଡି ରେଶମା ପାତ୍ର, ସୂର୍ଯ୍ୟ ନାରାୟଣ ମହାନ୍ତି ଓ ଜଗନ୍ନାଥ ପ୍ରଧାନ ଥିବା ଜଣାପଡିଛି। ପ୍ରକାଶଥାଉକି ୧୩ ନଂ ୱାର୍ଡରେ ଜଣେ ବିଜେଡି କାଉନଶିଲର୍ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ଅଛନ୍ତି।

### ଚିକିଟି ଏନ୍ଏସି : ୧୯ ନାମାଙ୍କନ ପତ୍ର କାଏମ

ଚିକିଟି,୯।୩(ଡି.ଏନ.ଏ.):ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ପୌର ନିର୍ବାଚନ ପାଇଁ ବୁଧବାର ପ୍ରାର୍ଥୀପତ୍ର ଯାଞ୍ଚ ଅନୁଷ୍ଠିତ ହୋଇଥିଲା। ଚିକିଟି ପୌର ପରିଷଦର ବିଭିନ୍ନ ୱାର୍ଡରେ ୧୯ ଜଣ ନାମାଙ୍କନ ପ୍ରାର୍ଥୀ ଦାଖଲ କରିଥିବା ବେଳେ ସମସ୍ତ କାଏମ ରହିଥିବା ନିର୍ବାଚନ ଅଧିକାରୀ ତଥା ଚିକିଟି ତହସିଲଦାର ବିଶ୍ୱ ରଞ୍ଜନ କହଁର କହିଛନ୍ତି। ବିଜେଡି ପକ୍ଷରୁ ୧୨ ୱାର୍ଡରେ ୧୨ ଜଣ ପ୍ରାର୍ଥୀ ଦିଆଯାଇଥିବା ବେଳେ ଭାଜପା ପକ୍ଷରୁ ୧,୨,୩,୮,୧୦,୧୧,୧୨ ଏହିଭଳି ୭ ୱାର୍ଡରେ ପ୍ରାର୍ଥୀ ଦିଆଯାଇଛି। ୪,୫,୬,୭,୯ ୱାର୍ଡରେ ପ୍ରାର୍ଥୀ ଦିଆଯାଇ ନଥିବା ଯୋଗୁଁ ଏହି ୫ ଗୋଟି ୱାର୍ଡରେ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱି ଭାବେ ନିର୍ବାଚିତ ହୋଇଥିବା ସ୍ପଷ୍ଟ ହୋଇଯାଇଛି।

### ବିପୁଳ ପୋଚ, ମହୁଲି ମଦ ଜବତ, ୨ ଗିରଫ

ଆର.ଉଦୟଗିରି,୯।୩(ଡି.ଏନ.ଏ.) :ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଅଲରା, ସତଘରିଆ, ବାଲିପଦା, ସିରିସୀପଦା ଗ୍ରାମରେ ବୁଧବାର ଅବକାରୀ ଏବଂ ମୋହନା ଥାନା କର୍ମଚାରୀ ଚଢ଼ାଉ କରି ବିପୁଳ ପରିମାଣର ଚୋରା ଦେଶୀ ମଦ ରନ୍ଧା ସାମଗ୍ରୀ ଜବତ କରିଛନ୍ତି। ଏଥିସହ ୨୬୪୦ଲିଟର ମହୁଲି ପୋଚ, ୧୨୦ଲିଟର ମହୁଲି ମଦ ଏବଂ ମଦ ରନ୍ଧା ସାମଗ୍ରୀ ଜବତ କରି ଦୁଇ ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରିଛନ୍ତି। ଜିଲା ଅବକାରୀ ଅଧିକ୍ଷକ ପ୍ରକାଶ ଚନ୍ଦ୍ର ସାହୁଙ୍କ ସହ ମୋହନା ପୋଲିସ କର୍ମଚାରୀ ଏବଂ ଏସ୍ଆଇ କିଶୋର ଚନ୍ଦ୍ର ରଥ, ଏଏସ୍ଆଇ ମୋଜି ଶବର ପ୍ରମୁଖଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା।

# ପୌର ନିର୍ବାଚନ ଲାଗି ୨ ପର୍ଯ୍ୟବେକ୍ଷକ ନିଯୁକ୍ତ

ଛତ୍ରପୁର,୯।୩(ଡି.ଏନ୍.ଏ.)

**ଗଞ୍ଜାମ ଜିଲା**

ପୌର ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ସରିଛି। ଗଞ୍ଜାମ ଜିଲାର ବ୍ରହ୍ମପୁର ମହାନଗର ନିଗମ, ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ୧୬ଟି ଏନ୍ଏସିରେ ନିର୍ବାଚନ ପରିଚାଳନା ପାଇଁ ୨ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ବ୍ରହ୍ମପୁର ମହାନଗର ନିଗମ ନିର୍ବାଚନ ପାଇଁ ରାଜ୍ୟ ଅର୍ଥ ବିଭାଗର ଅତିରିକ୍ତ ସଚିବ ନୃସିଂହ ଚରଣ ସ୍ୱାଇଁ ପର୍ଯ୍ୟବେକ୍ଷକ ଥିବାବେଳେ ତାଙ୍କ ମୋବାଇଲ ଫୋନ୍ ନମ୍ବର (୯୪୩୭୦୮୭୯୭୫) ଜାରି କରାଯାଇଛି । ସେହିପରି ଜିଲାର ସମସ୍ତ ଏନ୍ଏସି ଓ ମ୍ୟୁନିସିପାଲିଟି ନିର୍ବାଚନ ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ କମିଶନର ବିଶ୍ୱନାଥ ସାହୁ ପର୍ଯ୍ୟବେକ୍ଷକ ଥିବାବେଳେ ତାଙ୍କ ମୋବାଇଲ ଫୋନ୍ ନମ୍ବର (୯୪୩୭୦୫୨୨୩୯) ଜାରି କରାଯାଇଛି। ରାଜନୈତିକ ଦଳ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ଓ ସର୍ବସାଧାରଣ ଉକ୍ତ ନମ୍ବରରେ ଫୋନ୍ କରି ନିର୍ବାଚନ ସମ୍ପର୍କରେ ସେମାନଙ୍କ ଆପତ୍ତି ଅଭିଯୋଗ ଜଣାଇପାରିବେ ବୋଲି ସୂଚନା ଦିଆଯାଇଛି।

## ୫୨୭ ବୁଥ୍‌ରେ ମତ ସାବ୍ୟସ୍ତ କରିବେ ୪.୮୧ ଲକ୍ଷ

ଗଞ୍ଜାମ ଜିଲାରେ ହେବାକୁ ଥିବା ପୌର ନିର୍ବାଚନ ଭୋଟ ଗ୍ରହଣ ପାଇଁ ୫୨୭ଟି ବୁଥ୍ ପ୍ରସ୍ତୁତ କରାଯାଇଛି । ଏଥିରେ ସମସ୍ତ ୧୮ ସହରାଞ୍ଚଳର ୪ ଲକ୍ଷ ୮୧ ହଜାର ୭୦ ଜଣ ଭୋଟର ନିଜ ମତ ସାବ୍ୟସ୍ତ କରିବେ । ଭୋଟରଙ୍କ ମଧ୍ୟରେ ୨ ଲକ୍ଷ ୪୪ ହଜାର ୩୩୨ ପୁରୁଷ, ୨ ଲକ୍ଷ ୩୬ ହଜାର ୬୬୨ ମହିଳା ଓ ୭୬ ଜଣ ଅନ୍ୟ ଭୋଟର ରହଛନ୍ତି।

ମିଳିଥିବା ସୂଚନା ଅନୁସାରେ ବ୍ରହ୍ମପୁର ମହାନଗର ନିଗମର ୪୨ ୱାର୍ଡ ପାଇଁ ୨୫୦ଟି ବୁଥ୍ ହୋଇଛି। ମହାନଗରରେ ମୋଟ ୨ ଲକ୍ଷ ୫୫ ହଜାର ୩୨୬ ଜଣ ଭୋଟର ଥିବା ବେଳେ ସେଥିମଧ୍ୟରେ ୧ ଲକ୍ଷ ୨୭ ହଜାର ୭୫୩ ପୁରୁଷ, ୧ଲକ୍ଷ ୨୭ ହଜାର ୫୧୬ ଜଣ ମହିଳା ଏବଂ ୫୭ ଜଣ ଅନ୍ୟ ଭୋଟର ରହିଛନ୍ତି। ସେହିପରି ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ଓ ୧୬ ଏନଏସିର ୨୪୦ ୱାର୍ଡ ପାଇଁ ୨୭୭ ଟି ବୁଥ୍ ହୋଇଛି। ଏସବୁ ବୁଥରେ ୨ ଲକ୍ଷ ୨୫ ହଜାର ୭୪୪ ଜଣ ଭୋଟର ନିଜ ମତ ସାବ୍ୟସ୍ତ କରିବେ । ଏହି ୧୭ ସହରାଞ୍ଚଳରେ ମୋଟ ଭୋଟରଙ୍କ ମଧ୍ୟରେ ୧ ଲକ୍ଷ ୧୬ ହଜାର ୫୭୯ ଜଣ ପୁରୁଷ, ୧ ଲକ୍ଷ ୯ ହଜାର ୧୪୬ ଜଣ ମହିଳା ଭୋଟର ଓ ୧୯ ଅନ୍ୟ ଭୋଟର ରହିଛନ୍ତି।

## ପାରଳାଖେମୁଣ୍ଡିରେ ପୋଲିସର ଫ୍ଲାଗମାର୍ଚ୍ଚ



ପୋଲିସର ଫ୍ଲାଗ୍ ମାର୍ଚ୍ଚ କରାଯାଉଛି।

ପାରଳାଖେମୁଣ୍ଡି,୯।୩(ଡି.ଏନ୍.ଏ.)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦରେ ଆଗାମୀ ୨୪ ତାରିଖରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ବୁଧବାର ପୋଲିସ ତରଫରୁ ସଚେତନତା ମୂଳକ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଜିଲା ଆରକ୍ଷୀ ଅଧକ୍ଷକ ଜୟରାମ ଶତପଥୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଅଧିକ୍ଷକ ବାମଦେବ ସିଂ, ପାରଳାଖେମୁଣ୍ଡି ଏସ୍‌ଡିପିଓ ରାମକୃଷ୍ଣ ପତିଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ଆଦର୍ଶ ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ପୋଲିସ ବାଇକ୍ ରାଲି ଓ ଫ୍ଲାଗ୍‌ମାର୍ଚ୍ଚ କରିଥିଲେ। ଏହି ଫ୍ଲାଗ ମାର୍ଚ୍ଚ ସ୍ଥାନୀୟ ସୁବାସ ନଗର ଛକଠାରୁ ବାହାରି ହାଟପଦା, କଟକିଆ ସାହିଁ ଛକ, ଗୋପୀନି ସାହି, ବଡଦାଣ୍ଡ ସାହି ଆଦି ବୁଲି ସଚେତନତା କରିଥିଲେ। ପୌର ନିର୍ବଚନ କିପରି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେଥିପ୍ରତି ଜନସାଧାରଣ ସତର୍କ ରହିବା ସହ ପୋଲିସକୁ ସହଯୋଗ କରିବାପାଇଁ ବାର୍ତ୍ତା ଦିଆଯାଇଥିଲା।

## ଶହୀଦ ଯବାନଙ୍କ ଶେଷକୃତ୍ୟ



ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଉଛି ।

ଭଞ୍ଜନଗର,୯।୩(ଡି.ଏନ.ଏ)

ଭଞ୍ଜନଗର ବ୍ଲକ ଗାଲେରିର ବିଏସ୍ଏଫ୍ ଯବାନ ରବିନ୍ଦ୍ର ନାଥ ସାହୁ ମଣିପୁରରେ ନିର୍ବାଚନ ଦାୟିତ୍ୱରେ ଥିବାବେଳେ ଗତ ୬ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ବୁଧବାର ମରଶରୀରକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶେଷରେ ରାଷ୍ଟ୍ରୀୟ ମର୍ଯ୍ୟାଦାରେ ରବୀନ୍ଦ୍ରଙ୍କର ଅନ୍ତେଷ୍ଟିକ୍ରିୟା ହୋଇଥିଲା। ସୂଚନାଯୋଗ୍ୟ, ରବୀନ୍ଦ୍ର କୋଲକାତାରେ ଚାକିରି କରୁଥିବା ବେଳେ ମଣିପୁର ନିର୍ବାଚନ ପାଇଁ ଡେପୁଟେଶନରେ ଯାଇଥିଲେ । ଗତ ୬ ତାରିଖରେ ଟେଙ୍ଗୋନଜଙ୍ଗ ସ୍କୁଲରେ ନିର୍ବାଚନ ଦାୟିତ୍ୱରେ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଥିଲା।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ହିଞ୍ଜିଳିକାଟୁ, ୯।୩(ଡି.ଏନ୍.ଏ):

ହିଞ୍ଜିଳିଥାନା କାଞ୍ଚିଆମା ଗ୍ରାମରେ ମଙ୍ଗଳବାର ଜଣେ ମହିଳାଙ୍କ ଶଶୁର ଘରେ ମୃତ୍ୟୁ ଘଟିଛି। ସେ ହେଲେ ସୁନୀତା ବେହେରା। ୫ ବର୍ଷ ତଳେ ସୁନୀତାଙ୍କ ବାହାଘର କାଞ୍ଚିଆମା ଗ୍ରାମର ଜିତୁ ବେହେରାଙ୍କ ସହ ହୋଇଥିଲା। ସୁନୀତାଙ୍କ ମୃତଦେହକୁ ଶଶୁର ଘରର ଛାତରେ ଲାଗିଥିବା ଗୋଟିଏ ଲୁହାରଡ଼ରେ ଲୁଗାରେ ଝୁଲୁଥିବା ଅବସ୍ଥାରେ ଜବତ କରାଯାଇଛି। ପୂର୍ବରୁ ସୁନୀତାଙ୍କୁ ତାଙ୍କ ସ୍ୱାମୀ ବିଭିନ୍ନ ସମୟରେ ମାର୍‌ପିଟ୍ କରୁଥିଲେ। ତେଣୁ ସୁନୀତାଙ୍କ ମୃତ୍ୟୁକୁ ନେଇ ତାଙ୍କ ମା' ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୧୬/୨୨ରେ ମାମଲା ରୁଜୁ କରିଛି।

## ବଳାତ୍କାର ଅଭିଯୋଗ, ଯୁବକ ଗିରଫ

ପାରଳାଖେମୁଣ୍ଡି,୯।୩(ଡି.ଏନ୍.ଏ.):

ଗଜପତି ଜିଲା ଗୋଷାଣୀ ବ୍ଲକ ଗାରବନ୍ଧ ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଅଭିଯୁକ୍ତ ଏମ୍.ବାଲା (୨୨)। ଘରେ କେହି ନ ଥିବାର ସୁଯୋଗ ନେଇ ଅଭିଯୁକ୍ତ ବଳାତ୍କାର କରିଥିବା ନେଇ ମହିଳାଜଣକ ମଙ୍ଗଳବାର ଗାରବନ୍ଧ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୨୦/୨୨ରେ ମାମଲା ରୁଜୁ କରିଥିବା ଥାନାଧିକାରୀ ସର୍ବେଶ୍ୱର ସାମନ୍ତରାୟ କହିଛନ୍ତି।

## କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ରମ୍ଭା,୯।୩

ରମ୍ଭା ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅଧକ୍ଷ ପ୍ରସାଦ ରାଓ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁକ୍ତ୨ ଓ ଯୁକ୍ତ ୩ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ କ୍ୟାରିୟର କାଉନସେଲିଂର ସଂଯୋଜକ ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ଦାଶ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ବ୍ରହ୍ମପୁରସ୍ଥିତ ଡିଫେନ୍ସ ଏକାଡେମୀର ନିର୍ଦ୍ଦେଶକ ଶିବ ପ୍ରସାଦ ପ୍ରଧାନ ଏଥିରେ ରିସୋର୍ସ ପର୍ସନ ଭାବେ ଯୋଗ ଦେଇଥିଲେ। ପ୍ରଶ୍ନୋତ୍ତର ମାଧ୍ୟମରେ ଛାତ୍ରୀଛାତ୍ରମାନେ ଭବିଷ୍ୟତ କର୍ମସଂସ୍ଥାନ ନିମନ୍ତେ ବହୁ ଉପାଦେୟ ଆଗ୍ରହର ସହ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ଡ. ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଇଂଲିଶ ଅଧାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ଓ ଇତିହାସ ଅଧାପକ ରଞ୍ଜିତ କୁମାର ପାଣିଗ୍ରାହୀ ସହଯୋଗ କରିଥିଲେ। ଶେଷରେ ଓଡ଼ିଆ ଅଧାପକ ଡ. ଭାସ୍କର ଚନ୍ଦ୍ର ମୁଦୁଲି ଅନୁଷ୍ଠାନ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଯାଞ୍ଚ ଶେଷ: ସମସ୍ତ ନାମାଙ୍କନ କାଏମ

ହିଞ୍ଜିଳିକାଟୁ,୯।୩(ଡି.ଏନ.ଏ)

ହିଞ୍ଜିଳିକାଟୁ ପୌର ପରିଷଦ ନିର୍ବାଚନ ନିମନ୍ତେ ବୁଧବାର ପ୍ରାର୍ଥୀ ପତ୍ର ଯାଞ୍ଚ ସରିଛି। ୨୧ଟି ୱାର୍ଡ ନିମନ୍ତେ ଦାଖଲ ହୋଇଥିବା ସମସ୍ତ ୫୭ ୱାର୍ଡ ସଭ୍ୟାସଭ୍ୟଙ୍କ ନାମାଙ୍କନ କାଏମ ରହିଛି। ୱାର୍ଡ ୭,୮ଓ୧୯ରେ ବିଜେଡି ପକ୍ଷରୁ ଦାଖଲ ହୋଇଥିବା ଗୋଟିଏ ଲେଖାଏ ପ୍ରାର୍ଥୀ ପତ୍ର ପଡ଼ିଛି। ତେଣୁ ଉକ୍ତ ୱାର୍ଡ ସଭ୍ୟାସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ସ୍ପଷ୍ଟ ହୋଇଛି। ଅଧକ୍ଷ ପଦବୀ ନିମନ୍ତେ ୮ ନାମାଙ୍କନ ପତ୍ର କାଏମ ରହିଛି। ବିଜେଡି, ଭାଜପା, କଂଗ୍ରେସ ସହ ୫ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନ କାଏମ ରହିଛି। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାରର ସମୟ ରହିଛି। ବିଜେଡିର ବହୁ ବିଦ୍ରୋହୀ ପ୍ରାର୍ଥୀ ସ୍ୱାଧୀନ ଭାବେ ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ସେମାନଙ୍କୁ ମନାଇବା ନିମନ୍ତେ ଆଲୋଚନା ହେଉଥିବା ପ୍ରକାଶ।

## ଗଞ୍ଜାମ ଏନଏସି : ସରିଲା ପାର୍ଥିପତ୍ର ଯାଞ୍ଚ, କାଏମ ରହିଲେ ସମସ୍ତେ

ଗଞ୍ଜାମ,୯।୩(ଡି.ଏନ.ଏ.)

ଆସନ୍ତା ୨୪ରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ବୁଧବାର ଥିଲା ପ୍ରାର୍ଥୀପତ୍ର ଯାଞ୍ଚ। ନିର୍ବାଚନ ମୈଦାନରେ ଥିବା ବିଭିନ୍ନ ଦଳର ୩୧ କାଉନଶିଲର ଓ ଚାରିଜଣ ଚେୟାରମ୍ୟାନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ଯାଞ୍ଚ କରିଥିଲେ ନିର୍ବାଚନ ଅଧିକାରୀ ଅରୁଣ କୁମାର ନାୟକ। ଏଥିରେ ସମସ୍ତ ପ୍ରାର୍ଥୀ କାୟମ ଥିବା ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଯାଞ୍ଚ ବେଳେ ଶିକ୍ଷକ ନିରଞ୍ଜନ ମହାପାତ୍ର, ଏନ୍ଏସି କର୍ମଚାରୀ ଲକ୍ଷ୍ମୀ ଚରଣ ପାଢ଼ୀ, କୃଷ୍ଣ ଚନ୍ଦ୍ର ବୈଦ୍ୟ, ମିଳନ ମୋହନ ମୁର୍ମୁ, କମଳ କାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଚେୟାରମ୍ୟାନ ଆସନ ପାଇଁ ୪ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ବିଜେଡିରୁ ଯୁବନେତା ସୁଧୀର କୁମାର ପାଢ଼ୀଙ୍କ ଭଉଣୀ ଝୁଲି ପାତ୍ର, ଭାଜପାରୁ ଡି ସାଇ ପ୍ରମିଳା, କଂଗ୍ରେସରୁ ସୁମିତ୍ରା ବେହେରା ଏବଂ ସ୍ୱାଧୀନରୁ ପ୍ରତିଭା ପାଢ଼ୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଆସନ୍ତା ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀପତ୍ର ତାଲିକା ପ୍ରକାଶ ପାଇବ ବୋଲି ନିର୍ବାଚନ ଅଧିକାରୀ ଜଣାଇଛନ୍ତି।

## ଆଇନ ସଚେତନତା ରଥ ଶୁଭାରମ୍ଭ



ଏଡିଜେ ଡ.ଅରୁଣ ସାହୁ ପତାକା ଦେଖାଇ ରଥ ଶୁଭାରମ୍ଭ କରୁଛନ୍ତି ।

ଭଞ୍ଜନଗର,୯।୩(ଡି.ଏନ.ଏ)

ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଏବଂ ଭଞ୍ଜନଗର ତାଲୁକା ଆଇନ ସହାୟତା ସଂସ୍ଥାର ମିଳିତ ସହଯୋଗରେ ବୁଧବାର ଭ୍ରାମ୍ୟମାଣ ଆଇନ ସଚେତନତା ରଥ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଏଡିଜେ କୋର୍ଟ ପରିସରରୁ ଉକ୍ତ ରଥ ବାହାରି ଅଞ୍ଚଳର ବିଭିନ୍ନ ଗ୍ରାମ ପରିକ୍ରମା କରି ଭିଡିଓ ମାଧ୍ୟମରେ ଲୋକଙ୍କୁ ଆଇନ ସମ୍ପର୍କରେ ସଚେତନ କରାଇଥିଲା। ଉକ୍ତ ରଥକୁ ଏଡିଜେ ଡ.ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ସବ୍‌ଜଜ୍ ସୋମାଲିନା ମିଶ୍ର,ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ର, ଏସ୍‌ଡ଼ିଜେଏମ୍ ମନସ୍ୱିନୀ ରଥ, ଜେଏମ୍ଏଫସି ପ୍ରଜ୍ଞା ରାଉତ, ବାର ଆସୋସିଏଶନ ସଭାପତି ସନ୍ତୋଷ ନାୟକ, ଉପ ସଭାପତି ରଜତ ଦାସ, ଆଇନଜୀବୀ ସନ୍ତୋଷ ତିଆଡ଼ି, ମନୋଜ ପଟ୍ଟନାୟକ, ରବି ଦାସ, ଅଶ୍ୱିନୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱାସ୍ଥ୍ୟକର୍ମୀଙ୍କ ବକେୟା ପ୍ରଦାନ, ସ୍ଥାୟୀ ନିଯୁକ୍ତି ଦାବି



ସ୍ୱାସ୍ଥ୍ୟକର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ପାରଳାଖେମୁଣ୍ଡି,୯।୩(ଡି.ଏନ୍.ଏ.)

ଗଜପତି ଜିଲାରେ ସ୍ୱାସ୍ଥ୍ୟକର୍ମୀଙ୍କୁ ବକେୟା ପାଉଣା, ସ୍ଥାୟୀ ନିଯୁକ୍ତି ଦାବିରେ ବୁଧବାର କର୍ମଚାରୀମାନେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟକୁ ଦାବି ପତ୍ର ପ୍ରଦାନ କରିଛନ୍ତି। ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ୨୦୧୭ ମାର୍ଚ୍ଚ ୧ରେ ମୋହନା, ରାୟଗଡ, ନୂଆଁଗଡ, ଆର୍.ଉଦୟଗିରି, ଗୁମ୍ମା ବ୍ଲକରେ ସ୍ୱାସ୍ଥ୍ୟକର୍ମୀ, ଷ୍ଟାଫ୍ ନର୍ସ, ଲାବ୍ରୋଟରି ଟେକ୍‌ନିସିଆନ, ଫାର୍ମାଶିଷ୍ଟଙ୍କୁ ନିଯୁକ୍ତି ଦିଆଯାଇଥିଲା। ସମସ୍ତ କର୍ମଚାରୀ ନିଯୁକ୍ତି ପାଇବା ଦିନଠାରୁ ଦୁର୍ଗମ ଅଞ୍ଚଳ ଗ୍ରସ୍ତ କରି ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। କରୋନା ମହାମାରୀ ସମୟରେ ନିଜ ପରିବାରକୁ ପଛରେ ପକାଇ ଗାଁ ଗାଁ ବୁଲି ଲୋକଙ୍କୁ ଟିକାକରଣ କରିବା ସହ ସଚେତନ ମଧ୍ୟ କରିଛନ୍ତି। ସମସ୍ତ କର୍ମଚାରୀ ୩୦ ଦିନ କାମ କରୁଥିଲେ ମଧ୍ୟ ୨୪ ଦିନ କାମ କରୁଥିବା କାଗଜପତ୍ରରେ ଦର୍ଶାଯାଉଛି। ୬ ବର୍ଷ ଧରି କାମ କରି ଆସୁଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି କରାଯାଉ ନାହିଁ। କିଛି ମାସ ହେଲା ବକେୟା ଦରମା କର୍ମଚାରୀମାନେ ପାଇନଥିବା ଅଭିଯୋଗ କରିଛନ୍ତି। ଏଣୁ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ସହ ବକେୟା ପାଉଣା ତୁରନ୍ତ ପ୍ରଦାନ କରିବା ପାଇଁ କର୍ମଚାରୀ ମାନେ ଦାବି କରିଛନ୍ତି।

## ମଣ୍ଡି ଅବ୍ୟବସ୍ଥା ନେଇ ବିଡିଓଙ୍କୁ ଭେଟିଲେ ଚାଷୀ

ପୋଲସରା,୯।୩(ଡି.ଏନ.ଏ.)



ବିଡିଓଙ୍କ ସହ ଯୋଗାଣ ଅଧିକାରୀ ଓ ଚାଷୀମାନେ ଆଲୋଚନା କରୁଛନ୍ତି।

ପୋଲସରା ଅଞ୍ଚଳରେ ବୁଧବାର ଧାନ ମଣ୍ଡିର ସମସ୍ୟା ନେଇ ନିମିନା, ବଘାଡ଼ି ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗାଣ ଅଧିକାରୀ ହେମନ୍ତ ପ୍ରଧାନଙ୍କୁ ଭେଟି ଆଲୋଚନା କରିଛନ୍ତି। ନିମିନା ଗ୍ରାମର ପ୍ରାୟ ୫୨ ଜଣ ଚାଷୀଙ୍କ ୧୯୯୬ କୁଇଣ୍ଟାଲ ଧାନର ଟୋକେନ ରଦ୍ଦ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଧାନ ମଣ୍ଡିକୁ ଦେବା ଲାଗି ଯେଉଁ ତାରିଖ ଧାର୍ଯ୍ୟ ହୋଇଥିଲା ସେହି ସମୟ ମଧ୍ୟରେ ଧାନ ଅମଳ ହୋଇଥିଲେ ସୁଦ୍ଧା ସମବାୟ ସମିତିର ସମ୍ପାଦକ ଧୋବା ଡାକୁଆଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ଧାନ ଉଠାଇବାରେ ବିଳମ୍ବ ହେଉଛି ଏବଂ ଟୋକେନ ରଦ୍ଦ ହେଉଛି ବୋଲି ଚାଷୀମାନେ କହିଛନ୍ତି। ଆଗାମୀ ଦିନରେ ଚାଷୀମାନଙ୍କ ଧାନ ଯଦି ମଣ୍ଡିକୁ ନ ଯାଏ ତା'ହେଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ପ୍ରକାଶ କରିଥିଲେ। ନିମିନା ଗ୍ରାମର ଚାଷୀମାନେ ଯୋଗାଣ ଅଧିକାରୀଙ୍କ ସହ ଆଲୋଚନା କରିସାରିବା ପରେ ବିଡିଓ ସୁରଞ୍ଜନ ସାହୁଙ୍କୁ ଭେଟି ଧାନର ସମସ୍ୟା ନେଇ ଅବଗତ କରାଇଥିଲେ। ବିଡିଓ ଜିଲା ଅଧିକାରୀଙ୍କ ସହ ଆଲୋଚନା କରି ଚାଷୀଙ୍କ ଧାନ କିଭଳି ଉଠିବ ସେନେଇ ଆଲୋଚନା କରିଥିଲେ ଏବଂ ଚାଷୀଙ୍କ ସମସ୍ୟା ଶୀଘ୍ର ସମାଧାନ ହୋଇଯିବ ବୋଲି କହିଥିଲେ। ମଣ୍ଡିର ଏହି ଟୋକେନ ରଦ୍ଦ ହେବା ଏବଂ ଧାନ ମିଲର ନ ନେବାର କେବଳ ନିମିନା ଗ୍ରାମର ସମସ୍ୟା ନୁହେଁ ପୋଲସରା ଅଞ୍ଚଳରେ ଥିବା ସମସ୍ତ ସମବାୟ ସମିତିରେ ଏହି ସମାନ ଅବସ୍ଥା ଲାଗି ରହିଛି। ବଘାଡ଼ି ଗ୍ରାମର ଉପେନ୍ଦ୍ର ସାହୁଙ୍କ ୨୬.୪୫ କୁଇଣ୍ଟାଲ ଧାନ ଦେବା ଲାଗି ଟୋକେନ ଆସିଥିଲା କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଟୋକେନ ରଦ୍ଦ ହୋଇଥିଲା ବୋଲି ଚାଷୀ ଉପେନ୍ଦ୍ର ସାହୁ ପ୍ରକାଶ କରିଥିଲେ। ସମସ୍ୟାକୁ ନେଇ ମଧୁପଲି ସମବାୟ ସମିତିର ସମ୍ପାଦକ ଧୋବା ଡାକୁଆ କୁହନ୍ତି ଟୋକେନ ଆସିଲେ ଧାନ ନିଆଯାଉଛି ଏବଂ ଉପର ମୁଣ୍ଡରେ ସମସ୍ୟା ରହିଲେ ଆମେ କଣ କରିବୁ ବୋଲି କହିଥିଲେ। ଯୋଗାଣ ଅଧିକାରୀ ହେମନ୍ତ ପ୍ରଧାନ କୁହନ୍ତି ଜିଲାପାଳ ଏବଂ ବିଭାଗୀୟ ଜିଲା ଅଧିକାରୀଙ୍କୁ ଦୃଷ୍ଟି ଗୋଚର କରାଯାଇଛି ଓ ସେପଟୁ ଯାହା ନିର୍ଦ୍ଦେଶ ଆସିବ ତାହା କାର୍ଯ୍ୟକାରୀ ହେବ ବୋଲି କହିଥିଲେ।

## ଭଞ୍ଜନଗର, ବେଲଗୁଣ୍ଠାରେ ୧୧ କାଉନ୍‌ସିଲର ନିର୍ଦ୍ୱନ୍ଦ୍ୱ

### ବ୍ଲକ ପରେ ବିଜେଡିର ଏନ୍ଏସି ଦଖଲ ଯୋଜନା

ଭଞ୍ଜନଗର,୯।୩(ଡି.ଏନ୍.ଏ.)

ଭଞ୍ଜନଗର, ଜଗନ୍ନାଥପ୍ରସାଦ ଓ ବେଲଗୁଣ୍ଠା ବ୍ଲକରେ ବିଜେଡି ଅଧକ୍ଷ ଆସନ ଦଖଲ କରିବାକୁ ଯାଉଛି। ବେଲଗୁଣ୍ଠାରେ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ ନାୟକ ଅଧକ୍ଷ ଆସନରେ ବସିବା ସମ୍ଭାବନା ରହିଥିବା ବେଳେ ଭଞ୍ଜନଗର ଓ ଜଗନ୍ନାଥପ୍ରସାଦରେ କିଏ ଅଧକ୍ଷା ହେବେ ତାହାକୁ ନେଇ ନାନା କଳ୍ପନା ପ୍ରକାଶ ପାଉଛି। ବୁଧବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଭଞ୍ଜନଗର ବ୍ଲକର ଦଳ ସମର୍ଥିତ ନବନିର୍ବାଚିତ ପ୍ରତିନିଧିମାନଙ୍କୁ ଡାକି ଆଲୋଚନା କରିଛନ୍ତି। ଏଥିସହ ଜଗନ୍ନାଥପ୍ରସାଦ ବ୍ଲକର କେତେଜଣ ନେତାଙ୍କୁ ଡାକି କଥା ହୋଇଛନ୍ତି। ଏହି ୨ ବ୍ଲକର ଅଧକ୍ଷ ପ୍ରାର୍ଥୀ ଘୋଷଣା ହୋଇନାହାନ୍ତି। ଆସନ୍ତା ୧୨ ତାରିଖରେ ଅଧକ୍ଷ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲର କିଛି ଘଣ୍ଟା ପୂର୍ବରୁ ପ୍ରାର୍ଥୀ ଘୋଷଣା କରାଯିବା ସମ୍ଭାବନା ରହିଛି। ତେଣୁ ଆଶାୟୀମାନେ ଆଶା ଆଶଙ୍କାରେ ରହିଛନ୍ତି। ଜଗନ୍ନାଥପ୍ରସାଦ ବ୍ଲକର ଜଣେ ଅଧକ୍ଷ ଆଶାୟୀ ପ୍ରାର୍ଥୀ ମନ୍ତ୍ରୀ ଯାହା ନିଷ୍ପତ୍ତି ନେବେ ତାକୁ ଗ୍ରହଣ କରିବେ ବୋଲି କହିଛନ୍ତି। ଅନ୍ୟପଟେ ବେଲଗୁଣ୍ଠା ବ୍ଲକ ବିଜେଡି ସଭାପତି ପ୍ରଶାନ୍ତଙ୍କ ନେତୃତ୍ୱରେ ୧୧ଜଣ ସମିତିସଭ୍ୟ ବର୍ତ୍ତମାନ ଅଜ୍ଞାତବାସରେ ଅଛନ୍ତି। ଅଧକ୍ଷ ପ୍ରାର୍ଥିପତ୍ର ଦାଖଲ ପୂର୍ବରୁ ସେମାନେ ବ୍ଲକରେ ପହଞ୍ଚିବା ସମ୍ଭାବନା ରହିଛି । ବ୍ଲକଗୁଡ଼ିକ ପରେ ବିଜେଡି ଭଞ୍ଜନଗର ଓ ବେଲଗୁଣ୍ଠା ଏନ୍ଏସି ଅଧକ୍ଷ ଆସନକୁ ମଧ୍ୟ ଅକ୍ତିଆର କରିବାକୁ ଲକ୍ଷ୍ୟ ରଖିଛି। ଏନ୍ଏସି ନିର୍ବାଚନ ଲାଗି ବୁଧବାର ପ୍ରାର୍ଥିପତ୍ର ଯାଞ୍ଚପରେ ଭଞ୍ଜନଗର ଏନ୍ଏସିରେ ୧୫ ୱାର୍ଡ଼ ମଧ୍ୟରୁ ୪ଟି ୱାର୍ଡ ଯଥା ୬,୮,୯ ଓ ୧୪ନଂରେ ବିଜେଡି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପ୍ରାର୍ଥିପତ୍ର ଯାଞ୍ଚ ବେଳେ ୱାର୍ଡ଼ ନଂ.୧୪ର ସ୍ୱାଧୀନ ପ୍ରାର୍ଥୀ ତଥା ବରିଷ୍ଠ ଭାଜପା ନେତା ରମେଶ ଚନ୍ଦ୍ର ବେହେରାଙ୍କ ପ୍ରାର୍ଥିପତ୍ର ନାକଚ ହୋଇଯାଇଛି। ଫଳରେ ସେଠାରେ ବିଜେଡିର ଏକ ମାତ୍ର ପ୍ରାର୍ଥୀ ଶିବରାମ ନାୟକ ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି । ଆଗକୁ ଆଉ କେତେଜଣ କାଉନ୍‌ସିଲର ଯେଭଳି ନିର୍ଦ୍ୱନ୍ଦ୍ୱ ହେବେ ସେଥିପାଇଁ ବିଜେଡି ନେତାମାନେ ପ୍ରୟାସ ଚଳାଇଛନ୍ତି। ବିରୋଧୀ ଭାଜପା ଓ କଂଗ୍ରେସ ସବୁ ୱାର୍ଡ଼ରେ ପ୍ରାର୍ଥୀ ଦେଇପାରି ନାହାନ୍ତି। ସେହିପରି ବେଲଗୁଣ୍ଠା ଏନ୍ଏସିର ୧୩ଟି ୱାର୍ଡ଼ ମଧ୍ୟରୁ ୭ଟି ୱାର୍ଡ଼ରେ ବିଜେଡ଼ି ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱ ହୋଇଛନ୍ତି । ସେଗୁଡ଼ିକ ହେଲା ୱାର୍ଡ଼ ନଂ.୧ରେ ଏସ୍.ଭାସ୍କର ପାତ୍ର, ୨ନଂ.ରେ ଦିବ୍ୟରଞ୍ଜନ ଦାସ, ୩ନଂ.ରେ ଲିଜା ବେହେରା, ୪ନଂ.ରେ ପ୍ରିୟମ୍ବଦା ସାମଲ, ୬ନଂ.ରେ ପ୍ରଦୀପ ସେଠୀ, ୮ନଂ.ରେ ପ୍ରଗତି ପାତ୍ର ଓ ୱାର୍ଡ଼ ନଂ. ୧୧ରେ ସିଏଚ୍ ସଙ୍ଗୀତା ପାତ୍ର। ବେଲଗୁଣ୍ଠା ଏନ୍ଏସି ଅଧକ୍ଷ ପଦବୀ ପାଇଁ ବିଜେଡ଼ିରୁ ଫିରୋଜ ସେଠୀ, କଂଗ୍ରେସରୁ ମନୋଜ ବେହେରା ଓ ଭାଜପାରୁ ମହେନ୍ଦ୍ର କୁମାର ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ସେହିଭଳି ଭଞ୍ଜନଗର ଏନଏସିରୁ ଅଧକ୍ଷ ପଦବୀ ପାଇଁ ବିଜେଡ଼ିରୁ ଗୋପବନ୍ଧୁ ମହାପାତ୍ର, କଂଗ୍ରେସରୁ ବିକ୍ରମ ବିଷୋୟୀ, ଭାଜପାରୁ ଶିବାନନ୍ଦ ମହାପାତ୍ର ଏବଂ ସ୍ୱାଧିନ ପ୍ରାର୍ଥୀ ଭାବେ ରମେଶ ଚନ୍ଦ୍ର ବେହେରା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ।

